# ଆଜି ଅନୁଗୋଳରୁ ୪ଜଣ କରୋନା ପଜିଟିଭ ଚିହ୍ନଟ ।

## ପଜିଟିଭ ସଂଖ୍ୟା ୬୪ ରେ ପହଞ୍ଚିଲା ।

ଅନୁଗୋଳ,୨୮.୬ :- ଛେଣ୍ଡିପଦା ବ୍ଲକ୍ ଅନ୍ତର୍ଗତ ଏକ ଶିଳ୍ପ ସଂସ୍ଥାରେ ଆଜି ୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହି ୪ ଜଣଂକର କୌଣସି ଲକ୍ଷଣ ନଥାଇ ନମୁନା ପଜିଟିଭ ଜଣାପଡିବା ପରେ ଆଜି ସେମାନଂକ ମଧ୍ୟରୁ ଜଣଂକୁ ତାଳଚେର କୋଭିଡ ହସପିଟାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟ ୩ ଜଣଂକୁ ସମ୍ପୃକ୍ତ ଶିଳ୍ପ ସଂସ୍ଥାର Isolation Wardରେ ରଖାଯାଇଛି । ଏହି ସମସ୍ତ ୪ ଜଣ ଯାକ Home Quaraintine ରେ ଥିଲେ । ୪୨ ବର୍ଷୀୟା ମହିଳା ବିହାରରୁ ଆସିଥିବାବେଳେ ଏକ ୯ ବର୍ଷର ଶିଶୁ ପଶ୍ଚିମବଙ୍ଗରୁ ଆସିଥିଲେ । ସେହିପରି ଏକ ୨୫ ବର୍ଷିୟ ଯୁବକ ଛତିଶଗଡରୁ ଆସିଥିବାବେଳେ ୨୯ ବର୍ଷିୟ ଏକ ଯୁବକ ଦିଲ୍ଲୀରୁ ଆସିଥିଲେ । ଏହି ୪ ଜଣ ପଜିଟିଭ ଆକ୍ରାନ୍ତଂକର ସଂପୂର୍ଣ୍ଣ ଯାତ୍ରା ବିବରଣୀ ଓ କାହା ସାଥିରେ ମିଳାମିଶା କରିଛନ୍ତି ତାହାର ଅନୁସଂନ୍ଧାନ ଜାରି ରହିଛି । ଏହି ୪ ପଜିଟିଭକୁ ମିଶାଇ ଜିଲ୍ଲାରେ ଆକ୍ରାନ୍ତଂକ ସଂଖ୍ୟା ୬୪ରେ ପହଂଚିଲା । ଭୁବନେଶ୍ୱର ଠାରେ ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଥିବା ଜଣେ ଯୁବକ ଗତକାଲି ସୁସ୍ଥ ହୋଇ ଆଦର୍ଶ କୋଭିଡ କେୟାର ସେଣ୍ଟରକୁ ସ୍ଥାନାନ୍ତର ହୋଇଛନ୍ତି । ପୂର୍ବରୁ ୪୭ ସୁସ୍ଥକୁ ମିଶାଇ ଜିଲ୍ଲାରେ ସମୁଦାୟ ୪୮ ଜଣ ସୁସ୍ଥ ହେଲେଣି ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୪୧୨ ତା.୨୮.୬.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।